## ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

**କାମାକ୍ଷାନଗର, (ସୁଧୀର ପରିଡ଼ା):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁଶପାଳ ଗ୍ରାମର ଅଖିଳ ବିଶ୍ୱାଳ (୫୫)ଙ୍କ ଉପରେ ଶନିବାର ଟ୍ରାକ୍ଟର ଚଢ଼ିଯାଇଛି। ସେ କୌଣସି କାର୍ଯ୍ୟରେ ସାଇକେଲରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ହାବିଲଦାର ମକରଧ୍ୱଜ ନିଲମ୍ବିତ

**ଢେଙ୍କାନାଳ, ୮।୭(ରତନ ନାୟାର):** ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ମଳୟ କୁମାର ନାୟକଙ୍କୁ ମାଡ଼ ମାରି ନିଲମ୍ବିତ ହୋଇଛନ୍ତି ହାବିଲଦାର ମକରଧ୍ୱଜ ମୁଣ୍ଡା। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ତାଙ୍କ ବିରୋଧରେ ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅଭିଯୁକ୍ତଙ୍କ ନାମରେ ଟାଉନ ଥାନାରେ ନଂ. ୪୭୦/୨୩ରେ ମାମଲା ରୁଜୁ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ମକରଧ୍ୱଜ ଜାତିଗତ ପ୍ରମାଣପତ୍ରର ମିସ୍‌କେସ୍ ସାର୍ଟିଫିକେଟ୍ ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରମାଣପତ୍ର ପ୍ରଦାନ କରିବାକୁ ସେ ମଳୟଙ୍କୁ ବାଧ କରିଥିଲେ। ସେ ମନା କରିବା ପରେ ତାଙ୍କୁ ମାଡ଼ ମାରିଥିଲେ। ଏଥିସହ କାର୍ଯ୍ୟାଳୟ ବାହାରେ ଥିବା ଜାତୀୟ ପତାକା ପିଣ୍ଡିରେ ପରିସ୍ରା କରିଥିଲେ। ଏ ନେଇ ତହସିଲଦାର ସୁଧାଂଶୁ ଶେଖର ସାଓ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଘଟଣା ଜଣାପଡ଼ିବା ପରେ ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### ଟ୍ରକ୍‌ରୁ ମୃତଦେହ ଜବତ

**ଢେଙ୍କାନାଳ, ୮।୭(ରତନ ନାୟାର):** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥରେ ଥିବା ଏକ ଟ୍ରକ୍ ଡାଲାରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ପୋଲିସ ଶନିବାର ସନ୍ଧ୍ୟାରେ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଗାଡ଼ି ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖିଛି। ଡ୍ରାଇଭରଙ୍କ କହିବା କଥା, ସମ୍ପୃକ୍ତ ବ୍ୟକ୍ତି ଜଣକ କଟକ ଜିଲା ବାଲି ନିକଟରୁ ଟ୍ରକ୍‌ରେ ଚଢ଼ିଥିଲେ। ବାଟରେ ଗାଡ଼ି ଭିତରେ ତାଙ୍କର ଝାଡ଼ା ପରିସ୍ରା ହୋଇଯାଇଥିଲା। ଏହାପରେ ରାସ୍ତାରେ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଏହାର ତଦନ୍ତ କରାଯିବା ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

### ମାନଗୋବିନ୍ଦଙ୍କ ବିୟୋଗରେ ଶୋକ

**ଭାପୁର, ୮।୭(ରାଜକୁମାର ପ୍ରଧାନ):** ଢେଙ୍କାନାଳ ସଦର ବ୍ଲକ ମଧୁସାହୁପାଟଣା ଗ୍ରାମରେ ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ଶୀର୍ଷ ସମ୍ମିଳନୀର ପ୍ରତିଷ୍ଠାତା ତଥା ପୂର୍ବତନ ନିଖିଳ ଉତ୍କଳ ସଭାପତି ମାନଗୋବିନ୍ଦ ସାହୁଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଛଦେଶ 'କ' ରାଜ୍ୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଚୈତନ୍ୟ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ରସାନନ୍ଦ ମହାପାତ୍ର, ସପ୍ତରାଜ୍ୟ ସଭାପତି ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ସନ୍ତୋଷ ପୃଷ୍ଟି, ତିଗିରିଆ ରାଜ୍ୟ ସଭାପତି ମହେନ୍ଦ୍ର ସାହୁ, 'ଖ' ରାଜ୍ୟ ସଭାପତି ପ୍ରଭାକର ସାହୁଙ୍କ ସମେତ ବହୁ କାର୍ଯ୍ୟକାରୀ ସଦସ୍ୟ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଉପସଭାପତି ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଶୀର୍ଷ ସମ୍ମିଳନୀ ପ୍ରତିଷ୍ଠାରେ ମାନଗୋବିନ୍ଦଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଦେହାନ୍ତରେ ଜନ୍ମମାଟି ବାଙ୍ଗୀ ପାଟପୁର ସମେତ ଛଦେଶ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅପରେଶନ 'କ୍ଲିନ୍' ଆରମ୍ଭ

**ଢେଙ୍କାନାଳ, ୮।୭(ରତନ ନାୟାର)**



ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଖବରଦାତା ସମ୍ମିଳନୀରେ ୨ ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦେଉଛନ୍ତି।



ପୋଲିସ ଜବତ କରିଥିବା ପିସ୍ତଲ, ଗୁଳି।

- ଧରାପଡ଼ିଲେ 'କିଙ୍ଗ୍ ଅଫ୍ ଫରେଷ୍ଟ' ଗ୍ୟାଙ୍ଗ୍ ମୁଖ୍ୟ ରାକେଶ
- କାହ୍ନୁ ସାହୁ ଗୁଳିକାଣ୍ଡ ମାମଲାରେ ସମ୍ପୃକ୍ତ, ପିସ୍ତଲ ଜବତ
- ଅପରାଧୀଙ୍କୁ ଏସ୍‌ପିଙ୍କ ଚେତାବନୀ: ସୁଧୁରିଯାଅ, ନଚେତ୍ ଭୋଗିବ

ଢେଙ୍କାନାଳ ଜିଲାକୁ ଅପରାଧ ମୁକ୍ତ କରିବା ଲାଗି ଆରମ୍ଭ ହୋଇଛି 'ଅପରେଶନ କ୍ଲିନ୍'। ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅପରାଧୀଙ୍କୁ ମୁଖ୍ୟସ୍ରୋତକୁ ଫେରିବା ଲାଗି ଶେଷ ସୁଯୋଗ ଦିଆଯାଇଛି। ସାମାଜିକ ସ୍ରୋତରେ ସାମିଲ ହେଲେ ଆବଶ୍ୟକତା ଅନୁଯାୟୀ ସେମାନଙ୍କ ଥଇଥାନ ବ୍ୟବସ୍ଥା କରାଯିବ। ତଥାପି ନ ସୁଧୁରିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ରାତି ୭ଟା ୪୫ରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କଡ଼ା ଚେତାବନୀ ଦେଇଛନ୍ତି। ଏଥିସହ କାମାକ୍ଷାନଗର ଅଞ୍ଚଳର ବିଜେଡି ନେତା ତଥା ଠିକାଦାର କାହ୍ନୁ ସାହୁ ଗୁଳିକାଣ୍ଡ ମାମଲା ଓ ଠିକାଦାର ଭୂପେଶ ଚନ୍ଦ୍ର ମହାପାତ୍ରଙ୍କ ଅସ୍ଥାୟୀ କ୍ୟାମ୍ପରେ ଜେସିବି ପୋଡ଼ି ଘଟଣାର ରହସ୍ୟ ଉନ୍ମୋଚନ କରିଛନ୍ତି। ଏହି ଦୁଇ ମାମଲାରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଦାଦାବଟି ନାମରେ ଆତଙ୍କ ସୃଷ୍ଟି କରିଥିବା 'କିଙ୍ଗ୍ ଅଫ୍ ଫରେଷ୍ଟ' ଗ୍ୟାଙ୍ଗ୍ ମୁଖ୍ୟ ରାକେଶ ପାତ୍ର (୨୨) ଏବଂ ତାଙ୍କର ଅନ୍ୟତମ ପ୍ରମୁଖ ସହଯୋଗୀ ପୂର୍ଣ୍ଣଚନ୍ଦ୍ର ଦାସ ଓରଫ ପପୁ (୨୫) ଗିରଫ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଯାଜପୁର ଜିଲା କାଳିଆପାଣି ଥାନା ଟାଟା ମାଇନ୍ସ ରାମସୋଲ ଅଞ୍ଚଳର ରାକେଶ ଏବଂ ସଦର ଥାନା କାଙ୍କଡ଼ପାଳରେ ରହୁଥିବା ରାସୋଳ ଥାନା ସୋରତ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପେସାଦାର ଅପରାଧୀ। ସେମାନେ ଠିକାଦାରଙ୍କୁ ହତ୍ୟାଧମକ ଦେଇ ଦାଦାବଟି ଆଦାୟ କରୁଥିଲେ। ରାକେଶଙ୍କ ନାମରେ କାମାକ୍ଷାନଗର ଥାନାରେ ୩ଟି, ତୁମୁସିଙ୍ଗା ଥାନାରେ ଗୋଟିଏ ମାମଲା ରହିଛି। ୨୫ ନଭେମ୍ବର ୨୦୨୨ ରାତି ପ୍ରାୟ ୭ଟାରୁ ୮ଟା ମଧ୍ୟରେ ଗାଲୁକାଟେଣୀ-ସମାଟାଙ୍ଗୀ ରାସ୍ତାରେ ଥିବା ଠିକାଦାର ଭୂପେଶ ମହାପାତ୍ରଙ୍କ ଅସ୍ଥାୟୀ କ୍ୟାମ୍ପରେ ଅଭିଯୁକ୍ତମାନେ ଆତଙ୍କରାଜ ସୃଷ୍ଟି କରିଥିଲେ। ସେମାନେ ଏକ ଧଳା ରଙ୍ଗର କାର୍‌ରେ ଆସି ଠିକାଦାରଙ୍କ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ମାଗିଥିଲେ। ଏଥିରେ କର୍ମଚାରୀମାନେ ଅସହାୟତା ପ୍ରକାଶ କରିବାରୁ ଅଭିଯୁକ୍ତମାନେ ଠିକାଦାରଙ୍କୁ ଫୋନ କରି ୫ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେଇଥିଲେ। ସେହିପରି କାହ୍ନୁଙ୍କ ଉପରକୁ ହୋଇଥିବା ୩ଥର ଗୁଳିମାଡ଼ ଘଟଣାରେ ଏହି ଦୁଇଜଣ ସମ୍ପୃକ୍ତ ଥିଲେ। ଅଭିଯୁକ୍ତ ରାକେଶ କାମାକ୍ଷାନଗର କଲୋନି ସାହିରେ ରହୁଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଗୋଟିଏ ପିସ୍ତଲ, ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି। ରାକେଶ 'କିଙ୍ଗ୍ ଅଫ୍ ଫରେଷ୍ଟ' ନାମରେ ଏକ ଗ୍ୟାଙ୍ଗ୍ ଗଢ଼ି ଦାଦାବଟି ଆଦାୟ କରୁଥିଲେ। କେତେଜଣ ଯୁବକଙ୍କୁ ନେଇ ସେ ଗ୍ୟାଙ୍ଗ ଗଢ଼ି ଆପରାଧିକ କାର୍ଯ୍ୟକଳାପ ଘଟାଉଥିବା ଜଣାପଡ଼ିଛି। ଏହିସବୁ ଘଟଣାରେ ପୂର୍ବରୁ ୪ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଡିଏସ୍‌ପି ବିଭୂତି ଭୂଷଣ ମହାପାତ୍ର, କାମାକ୍ଷାନଗର ଥାନାଧିକାରୀ ଶରତ ମହାଳିକ, ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଜଣେ ଗୁରୁତର

**କାମାକ୍ଷାନଗର, ୮।୭(ସୁଧୀର ପରିଡ଼ା)**

ଭୁବନ ବ୍ଲକ ଦେଇ ଯାଇଥିବା ତାଳଚେର-ସୁକିନ୍ଦା ରେଳ ଲାଇନ୍‌ରେ ଶୁକ୍ରବାର ଦୁର୍ଘଟଣା ଘଟିଛି। ଏକ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ କୁନିନ୍ଦା ପଞ୍ଚାୟତ ରେନନ୍ଦାପାଟଣା ଗ୍ରାମ ଦେହୁରୀସାହିର ବଳରାମ ନାୟକ (୬୦) ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ବିଲକୁ ଯିବା ପାଇଁ ଟ୍ରେନ ଲାଇନ୍ ପାର ହେଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡ, ହାତରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କ୍ୟାବିନ୍ ଜଳିଗଲା

**କାମାକ୍ଷାନଗର, ୮।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ଥାନା ଜିରିଡ଼ାମାଳି ଛକ ନିକଟରେ ଥିବା ଉଗ୍ରସେନ ବେହେରାଙ୍କ ଚା କ୍ୟାବିନ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଯାଇଛି। କେଉଁ କାରଣରୁ ଅଘଟଣ ଘଟିଲା, ତାହା ଜଣାପଡ଼ିନାହିଁ। ଏହି ଅଗ୍ନିକାଣ୍ଡରେ ଉଗ୍ରସେନ ନିଜ ରୋଜଗାରର ମାଧ୍ୟମ ହରାଇଛନ୍ତି। ତାଙ୍କୁ ସରକାରୀ ସହାୟତା ପ୍ରଦାନ କରାଗଲେ ସେ ପୁନର୍ବାର ଦୋକାନ କରି ଗୁଜରାଣ ମେଣ୍ଟାଇ ପାରିବେ ବୋଲି ନିବେଦନ କରିଛନ୍ତି।

# '୫-ଟି' ସଚିବଙ୍କ ଗସ୍ତକୁ ନେଇ ତତ୍ପରତା



ପରଜଙ୍ଗରେ ଅଧିକାରୀମାନେ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

**କାମାକ୍ଷାନଗର/ପରଜଙ୍ଗ, ୮।୭ (ସୁଧୀର ପରିଡ଼ା/ନିଗମାନନ୍ଦ ଦଳବେହେରା)**

'୫-ଟି' ସଚିବ ଭି.କେ. ପାଣ୍ଡିଆନ୍ ଆସନ୍ତା ୧୧ ଓ ୧୨ ତାରିଖରେ ଢେଙ୍କାନାଳ ଜିଲା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଢେଙ୍କାନାଳ ପୌରାଞ୍ଚଳ, ସଦର, କାମାକ୍ଷାନଗର, ପରଜଙ୍ଗ ଏବଂ ହିନ୍ଦୋଳ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବେ। ଏହାକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି।

ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜିଲାପାଳ ସରୋଜ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଶନିବାର କାମାକ୍ଷାନଗର ବ୍ଲକ ରେକୁଳା, ସାରଙ୍ଗଧର ଷ୍ଟାଡିୟମ ଏବଂ କାନପୁରା ଗ୍ରାମାଞ୍ଚଳ ପାର୍କରେ ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥଳ ବୁଲି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ବିକାଶ ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ , ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ କାନୁନ୍‌ଗୋ, ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ପରଜଙ୍ଗ ବ୍ଲକ ମିନି ଷ୍ଟାଡିୟମ୍‌ରେ ହେବାକୁ ଥିବା ସମାବେଶରେ ୫-ଟି ସଚିବ ଯୋଗଦେବେ। ଏଥିସହ କୁଆଲୋ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତଶୟନ ପୀଠ ଗସ୍ତ କାର୍ଯ୍ୟକ୍ରମ ରହିଛି। ଜିଲାପାଳ, ଏସ୍‌ପି, ଉପଜିଲାପାଳ, ବିଡିଓ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ସିରିୟାଲ ଶୁଭ୍ର ପଟେଲ, ଥାନାଧିକାରୀ ପ୍ରଶାନ୍ତ ପାତ୍ର ପ୍ରମୁଖ ସଚିବ ଗସ୍ତ କରିବାକୁ ଥିବା ବିଭିନ୍ନ ସ୍ଥାନ ପରିଦର୍ଶନ କରି ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

# ବିରୋଧ କରିବ ଭାଜପା

**ଢେଙ୍କାନାଳ, ୮।୭(ରତନ ନାୟାର)**

'୫-ଟି ସଚିବ' ଭି. କେ. ପାଣ୍ଡିଆନଙ୍କ ଗସ୍ତକୁ ଅଗଣତାନ୍ତ୍ରିକ ବୋଲି କହିଛି ଢେଙ୍କାନାଳ ଜିଲା ଭାଜପା। ତାଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ଶନିବାର ଦଳର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ପାଣ୍ଡିଆନଙ୍କ ଢେଙ୍କାନାଳ ଗସ୍ତ ପାଇଁ ସରକାର ସାଧାରଣ ଲୋକଙ୍କ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜଣେ ସଚିବ ହୋଇ ସେ ପ୍ରତି ଜାଗାକୁ ହେଲିକପ୍ଟରରେ ଗସ୍ତ କରୁଛନ୍ତି। ଆସନ୍ତା ୧୧ ଓ ୧୨ ତାରିଖରେ ୫-ଟି ସଚିବ ଢେଙ୍କାନାଳ ଆସୁଛନ୍ତି। ଏଥିଲାଗି ବିଭିନ୍ନ ସ୍ଥାନରେ ୧୦ଟି ହେଲିପ୍ୟାଡ୍ ତିଆରି କରାଯାଇଛି। ରାଜକୋଷରୁ କାର୍ଯ୍ୟକ୍ରମରେ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଗସ୍ତ ସମୟରେ ସଚିବ ପ୍ୟାକେଜ ଘୋଷଣା କରୁଛନ୍ତି, ଯାହା ତାଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ଏହି କାର୍ଯ୍ୟକ୍ରମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ପାଇଁ ମସୁଧା କରାଯାଉଛି। ଏବେ ପ୍ରାକୃତିକ ବିପର୍ଯ୍ୟୟ ନ ଥିବା ସତ୍ତ୍ୱେ ସରକାରୀ କର୍ମଚାରୀଙ୍କ ଦ୍ୱିତୀୟ ଶନିବାର ଓ ରବିବାର ଛୁଟିକୁ ବାତିଲ କରାଯାଇଛି। ଜନପ୍ରତିନିଧିମାନେ ଗରିମା ଭୁଲି ମିଟିଂ ଆୟୋଜନ କରୁଛନ୍ତି। ତେଣୁ ଜିଲାର ୪ ନିର୍ବାଚନମଣ୍ଡଳୀରେ ସଚିବଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ବୈଠକରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ସୀମାଞ୍ଚଳ ଖଟେଇ, ଅଞ୍ଜଳି ବେହେରା, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ସୁନୀଲ ଶର୍ମା, ରାସବିହାରୀ ବେହେରା, ନବକିଶୋର ଗୁରୁ, ପବିତ୍ର ବିଶ୍ୱାଳ, ସନାତନ ବେହେରା, ମାତୃ ପ୍ରସାଦ ନନ୍ଦ, ସଞ୍ଜୀବ ମହାପାତ୍ର, ଯଶସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ ବୁଲେଟିନ 'ସ୍ପିରୁଲିନା' ଉନ୍ମୋଚିତ

**ଢେଙ୍କାନାଳ, ୮।୭(ରତନ ନାୟାର)**

ଢେଙ୍କାନାଳ କଲେଜ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ଜଳବାୟୁ ପରିବର୍ତ୍ତନରୁ ସବୁଜ ଗ୍ରହକୁ ସୁରକ୍ଷା ଦେବା ଲାଗି ଅଧିକରୁ ଅଧିକ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭାଗର ବାର୍ଷିକ ବୁଲେଟିନ 'ସ୍ପିରୁଲିନା' ଉନ୍ମୋଚନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର, ପ୍ରଶାସନିକ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ଏନଏସ୍‌ଏସ୍ ଅଧିକାରୀ ଡ. ଦେବରାଜ ପରିଡ଼ା, ଶାରଦା ପ୍ରସନ୍ନ ପତି, ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଆଶୁତୋଷ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

## ପରିବାର ନିୟୋଜନ ସଚେତନତା

**ଢେଙ୍କାନାଳ, ୮।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗଡ଼ିଛି ପରିବାର ନିୟୋଜନ ସଚେନତା ରଥ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପରିବାର ନିୟୋଜନ ଏବଂ ଜନସଂଖ୍ୟା ନିୟନ୍ତ୍ରଣର ସୁଫଳ ସମ୍ପର୍କରେ ଏହି ରଥ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ଅବଗତ କରାଇବ। ବିପିଏମ୍ ରୁଦ୍ରନାରାୟଣ ରଥ, ସୁପରଭାଇଜର ଶ୍ରୀକାନ୍ତ ସାହୁ, ସନ୍ତୋଷ ବିହାରୀଙ୍କ ସମେତ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

# ସପ୍ତାହରେ ଲାଗିଲା ୯୦ ହଜାର ଚାରା



ଆୟୋଜିତ ସଭାରେ ଅତିଥିମାନେ।

**ଢେଙ୍କାନାଳ, ୮।୭(ରତନ ନାୟାର)**

ବନ ମହୋତ୍ସବ ଅବସରରେ ଜୁଲାଇ ପ୍ରଥମ ସପ୍ତାହରେ ଢେଙ୍କାନାଳ ଜିଲାରେ ଅନ୍ୟୂନ ୯୦ ହଜାର ଚାରା ରୋପଣ କରାଯାଇଛି। ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ପରିବେଶ ସଚେତନତା ସମ୍ପର୍କିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଏଫ୍‌ଓ ସୁମିତ୍ କର ଏହି ସୂଚନା ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରି ଶିକ୍ଷାନୁଷ୍ଠାନକୁ ସଦର ବ୍ଲକ୍ ପରିବେଶ କ୍ଲବ୍ ସୂଚୀରେ ସ୍ଥାନିତ କରିବା, ବିଦ୍ୟାଳୟ ସଂଲଗ୍ନ ୫ ଏକର ଜଙ୍ଗଲକୁ ଆଦର୍ଶ ପରିବେଶ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ନେଇ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାଜୀବଲୋଚନ ସିଂଦେଓ, ଓଡ଼ିଶା ବନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ, ବନାଞ୍ଚଳ ଅଧିକାରୀ ବିଭୁଦାନନ୍ଦ ମିଶ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ସାହୁ, ଶିକ୍ଷକ ସରୋଜ ସାମଲ, ରତ୍ନାକର ପ୍ରଧାନ, କର୍ମଚାରୀ ବଳରାମ ସାହୁ, ସିଦ୍ଧେଶ୍ୱର ପଣ୍ଡା, ରାଜକିଶୋର ପରିଡ଼ା, ଶରତ ଗୋଚ୍ଛାୟତ, ପ୍ରକାଶ ପାଣିଗ୍ରାହୀ, ପ୍ରଭାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଅତିଥିଙ୍କ ଦ୍ୱାରା ଆମ୍ବ, ପଣସ ଆଦି ଚାରା ରୋପଣ କରାଯାଇଥିଲା। ସଭ୍ୟ ଶରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଶିକ୍ଷାନୁଷ୍ଠାନର ସୁନାମ ବଢ଼ାଅ'

**ଢେଙ୍କାନାଳ, ୮।୭(ରତନ ନାୟାର)**

ଓଡ଼ାପଡା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ପୁଲିନ ବିହାରୀ ପଣ୍ଡା ଯୋଗଦେଇ କହିଲେ, ବହୁ ଘାତ ପ୍ରତିଘାତ ମଧ୍ୟରେ କଲେଜ ସଫଳତା ପାଇପାରିଛି। ଏହାର ସୁନାମ ବଢ଼ାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶୁଭସ୍ମିତା ବେହେରା, ଆଶିଷ ବାରିକ ଓ ସ୍ମୃତିରେଖା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର, ଡ. ପୁଷ୍ପଲତା ରଥ, ସସ୍ମିତା ମହାପାତ୍ର, ପ୍ରୀତିମଞ୍ଜରୀ ସ୍ୱାଇଁ, ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, ପ୍ରଦୀପ୍ତ ସ୍ୱାଇଁ, ଶ୍ରୀକାନ୍ତ ରାଉତ, ଆଶିଷ ପଣ୍ଡା ଏବଂ ଅବସରପ୍ରାପ୍ତ କର୍ମଚାରୀ ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ଢେଙ୍କାନାଳ ଅଫିସ, ୮।୭ (ରତନ ନାୟାର)**

### ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ବୁଦ୍ଧିଜୀବୀ

ଢେଙ୍କାନାଳରେ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ବିପଦକୁ ଡାକୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଚେତୁନାହିଁ। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସମସ୍ୟାର ସମାଧାନ ଲାଗି ବୁଦ୍ଧିଜୀବୀ ରାଜକିଶୋର ବେହେରା ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଦ୍ୟୁତ୍ ବିଭାଗ, ମୋ ସରକାର, ୫-ଟି ସଚିବ ଏବଂ ଜିଲା ପ୍ରଶାସନକୁ ଟୁଇଟ୍ ମାଧ୍ୟମରେ ଅବଗତ କରାଇଛନ୍ତି।

ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମରରେ ଗଛଲତା ମାଡ଼ିଯାଇଛି। ବର୍ଷାଦିନେ ଏହା ମଣିଷ, ଗୃହପାଳିତ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ଗତ ଜୁନ ୨୩ରେ ଜିଲା ପ୍ରଶାସନ ଓ ଟାଟା ପାୱାରକୁ ଟୁଇଟ୍ କରି ଅବଗତ କରାଯାଇଥିଲା। ତଥାପି ସମସ୍ୟାର ସମାଧାନ କରାଯାଉନାହିଁ। ତୁରନ୍ତ ଟ୍ରାନ୍ସଫର୍ମର ଗୁଡ଼ିକରେ ମାଡ଼ିଥିବା ଗଛ ସଫା କରି ଏହାର ଚାରିପଟେ କଂକ୍ରିଟ ବାଡ଼ କରିବାକୁ ସାଧାରଣରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ବେଣୁଧର ଦାସ କୁହନ୍ତି, ଅଞ୍ଚଳ ପରିଦର୍ଶନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।



ଗଣେଶ ବଜାର ଟାଉନ୍ ହଲ ପଛ ପଟେ ଥିବା ଟ୍ରାନ୍ସଫର୍ମରରେ ଗଛ ମାଡ଼ିଯାଇଛି।

# ପରିଚାଳନା ଅଭାବରୁ ପରିତ୍ୟକ୍ତ

**ଢେଙ୍କାନାଳ, ୮।୭(ରତନ ନାୟାର)**



ପରିତ୍ୟକ୍ତ ଅବସ୍ଥାରେ ଥିବା କାଇମାଟି ପ୍ରାଣୀ ଚିକିତ୍ସାଳୟ।

### କାଇମାଟି ପ୍ରାଣୀଧନ ଚିକିତ୍ସାଳୟ

- ଆସୁନାହାନ୍ତି ଡାକ୍ତର, ଏଲ୍‌ଆଇ
- ସେବା ଠପ୍, ତେଜୁଛି ଅସନ୍ତୋଷ

ଢେଙ୍କାନାଳ ସଦର ବ୍ଲକ କାଇମାଟି ପ୍ରାଣୀଧନ ଚିକିତ୍ସାଳୟ ପରିଚାଳନା ଅଭାବରୁ ପରିତ୍ୟକ୍ତ ହୋଇପଡ଼ିଛି। ଏଠାକୁ ନିୟମିତ ଡାକ୍ତର, ଏଲ୍‌ଆଇ ଆସୁନାହାନ୍ତି। ଫଳରେ ଚାଷୀମାନେ ସେମାନଙ୍କ ରୋଗଗ୍ରସ୍ତ ଗୃହପାଳିତ ପ୍ରାଣୀଙ୍କୁ ଢେଙ୍କାନାଳ ଆଣିବାକୁ ବାଧ ହେଉଛନ୍ତି। ବିଭାଗୀୟ ଉଦାସୀନତାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବାବେଳେ ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି।

ଗ୍ରାମବାସୀଙ୍କ କହିବା କଥା, ଅଞ୍ଚଳରେ ଘରେ ଘରେ ଗୃହପାଳିତ ପ୍ରାଣୀ ଅଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟସେବା ଲାଗି ଏକ ପ୍ରାଣୀଧନ ଚିକିତ୍ସାଳୟ ରହିଛି। ହେଲେ କାର୍ଯ୍ୟାଳୟକୁ ନିୟମିତ ଡାକ୍ତର କିମ୍ବା କର୍ମଚାରୀ ଆସୁନାହାନ୍ତି। ଏହାର ପ୍ରତିବାଦରେ ଦୁଇଦିନ ତଳେ ସ୍ଥାନୀୟ ଲୋକେ ଏକାଠି ହୋଇ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ପରିସରରେ ହୋହଲ୍ଲା କରିଥିଲେ। ଏହା ପରେ ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେବଳ କାଇମାଟି ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ କର୍ମଚାରୀ ଅଭାବ ସମସ୍ୟା କାରଣରୁ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଏବେ ଗାଈ, ଗୋରୁ, ଛେଳି, ମେଣ୍ଢା ବର୍ଷାଦିନିଆ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ହେଲେ ସେବା ମିଳୁନାହିଁ। ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟରେ ଖିଲାପ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପ୍ରାଣୀଧନ ଚିକିତ୍ସା ଉପନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ନନ୍ଦ କୁହନ୍ତି, ଜିଲାରେ ପ୍ରାୟ ଦୁଇ ତୃତୀୟାଂଶ ଏଲ୍‌ଆଇ ପଦବୀ ଖାଲି ପଡ଼ିଛି। କାର୍ଯ୍ୟରତ ଏଲ୍‌ଆଇ ୨-୩ ପଞ୍ଚାୟତ ଦାୟିତ୍ୱ ସମ୍ଭାଳୁଛନ୍ତି। ତେଣୁ ସେମାନେ କାମ ଛାଡ଼ି ଚିକିତ୍ସାକେନ୍ଦ୍ରକୁ ଆସିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସଦର ବ୍ଲକ ଉଲ୍ଲେଖନୀୟ ସଫଳତା ହାସଲ କରିବା ପରେ କାର୍ଯ୍ୟ ଚାପ ବଢ଼ିଛି। କାଇମାଟି ପ୍ରାଣୀଧନ ଚିକିତ୍ସାଳୟର ଡାକ୍ତର କ୍ଷେତ୍ର ଦାୟିତ୍ୱ ତୁଲାଉଛନ୍ତି। ସେ ସକାଳେ କାର୍ଯ୍ୟାଳୟକୁ ଯାଉଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କାର୍ଯ୍ୟ ତଦାରଖ କରୁଛନ୍ତି। ଏଣିକି ଯେଉଁଦିନ ଅପରାହ୍ନରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟ ନ ଥିବ, ସେହିଦିନ ଡାକ୍ତର ଚିକିତ୍ସାଳୟକୁ ଯିବେ ବୋଲି ଆଲୋଚନା ହୋଇଛି। ଅଭିଯୋଗର ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ।

